# NATIONAL NEWS BULLETIN (ODIA)

**2 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭୋଟ୍ ଗଣନାକାରୀଙ୍କ ମନୋନୟନ ଏବଂ ମୁତୟନ' ନିର୍ବାଚନ କମିଶନଙ୍କ ସଂପୂର୍ଣ୍ଣ କ୍ଷମତାଧୀନ, କହିଲେ ସୁପ୍ରିମକୋର୍ଟ

- ପଶ୍ଚିମବଙ୍ଗରେ ୧୫ଟି ମତଦାନ କେନ୍ଦ୍ରରେ ଚାଲିଛି ପୁନଃ ମତଗ୍ରହଣ

- ବିପର୍ଯ୍ୟୟ ସତର୍କତା ନେଇ ଦେଶବାସୀଙ୍କୁ ତ୍ୱରିତ ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ 'ସେଲ୍ ପ୍ରସାରଣ ବ୍ୟବସ୍ଥା'ର ପରୀକ୍ଷା

- ଚଳିତ ଆର୍ଥିକ ବର୍ଷ ପାଇଁ ବାଚସ୍ପତି ପୁନର୍ଗଠନ କଲେ ୪ଟି ସଂସଦୀୟ କମିଟି

ଏବଂ

- ଏଏଫ୍‌ସି ୧୭ବର୍ଷରୁ କମ୍ ମହିଳା ଏସୀୟ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜି ଆରମ୍ଭ ହେବ ଭାରତର ଅଭିଯାନ

---

## ଏସ୍‌ସି ଟିଏମ୍‌ସି ଇସି

ଭୋଟ୍ ଗଣନା କାର୍ଯ୍ୟରେ ନିୟୋଜିତ ହେବାକୁଥିବା କର୍ମଚାରୀଙ୍କ ମନୋନୟନ ଏବଂ ସେମାନଙ୍କୁ ନିୟୋଜିତ କରିବା ପାଇଁ ନିର୍ବାଚନ କମିଶନ ସଂପୂର୍ଣ୍ଣ କ୍ଷମତାପ୍ରାପ୍ତ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । କୋଲକାତା ହାଇକୋର୍ଟ ନିଷ୍ପତ୍ତି ବିରୁଦ୍ଧରେ ତୃଣମୂଳ କଂଗ୍ରେସ ପକ୍ଷରୁ

ଆଗତ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ବିଚାରପତି ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି, ଗତ ଏପ୍ରିଲ୍ ମାସରେ ଗଣନାକାରୀ ମନୋନୟନ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ବୈଧ ଅଟେ । ମାମଲାର ବିଚାର ସମୟରେ କୋର୍ଟରେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ବିଜ୍ଞପ୍ତିରେ ଗଣନା କାର୍ଯ୍ୟରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରୀ କର୍ମଚାରୀଙ୍କ ନିୟୋଜନ ନେଇ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଛି । ତେଣୁ ଏ ସଂକ୍ରାନ୍ତ ତୃଣମୂଳ କଂଗ୍ରେସର ଆଶଙ୍କା ତଥ୍ୟଭିତ୍ତିକ ନୁହେଁ ବୋଲି କମିଶନ କହିଛନ୍ତି । ବିଜ୍ଞପ୍ତି ଅନୁଯାୟୀ ସ୍ୱଚ୍ଛ ଏବଂ ଅବାଧ ଭାବରେ ଗଣନା କାର୍ଯ୍ୟ ସଂପନ୍ନ କରାଯିବ ବୋଲି କମିଶନ କୋର୍ଟରେ ଦୃଢ଼ ଆଶ୍ୱାସନା ଦେଇଛନ୍ତି । ପଶ୍ଚିମବଙ୍ଗରେ ଭୋଟ୍ ଗଣନା ପାଇଁ କେବଳ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯିବା ଅଭିଯୋଗ ନେଇ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ବିରୁଦ୍ଧରେ ତୃଣମୂଳ କଂଗ୍ରେସ ହାଇକୋର୍ଟରେ ମାମଲା ଦାୟର କରିଥିଲା । ଏହାର ଶୁଣାଣି କରି ହାଇକୋର୍ଟ ତୃଣମୂଳ କଂଗ୍ରେସର ଆବେଦନକୁ ଖାରଜ କରିଦେଇଥିଲେ ।

୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି । ଆସନ୍ତା ୪ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

.........................................................................................

# ଇସି-ଡବ୍ଲୁବି

ପଶ୍ଚିମବଙ୍ଗ ମଗ୍ରାହାଟ ପଶ୍ଚିମ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୧ଟି ଏବଂ ଡାଇମଣ୍ଡ ହାର୍ବର ବିଧାନସଭା ନିର୍ବାଚନ ମଣ୍ଡଳୀର ୪ଟି ମତଦାନ କେନ୍ଦ୍ରରେ ପୁନଃ ମତଦାନ ଚାଲିଛି । ୧୫ଟି ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଆରମ୍ଭ ହୋଇଥିବା  ମତଦାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ଦିନ ୧୧ଟା ମଧ୍ୟରେ ପ୍ରାୟ ୩୭ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ  ସମ୍ପୃକ୍ତ ବିଧାନସଭା ଆସନ ଅଞ୍ଚଳରେ ରିଟର୍ଣ୍ଣିଂ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ  ରିପୋର୍ଟ ଆଧାରରେ ପୁନଃ ମତଦାନ କରାଯାଉଛି । ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ସଂପୃକ୍ତ ବୁଥ୍ ଗୁଡ଼ିକରେ ଗତ ବୁଧବାର ଦିନ ମତଦାନ ହୋଇଥିଲା । ରିପୋର୍ଟ ଆଧାରରେ, କମିଶନ ଏହି ମତଦାନ କେନ୍ଦ୍ରଗୁଡ଼ିକରେ  ନିର୍ବାଚନକୁ ଅବୈଧ ଘୋଷଣା କରିଥିଲେ ।

---

# କେରଳମ୍ ପୋଲ୍ କାଉଣ୍ଟିଂ

କେରଳମର ୧୪୦ଟି ବିଧାନସଭା ଆସନର ମତଗଣନା ପାଇଁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରଥନ ୟୁ କେଲକରଙ୍କ ସୂଚନା ଅନୁଯାୟୀ ରାଜ୍ୟର ୪୩ଟି ସ୍ଥାନରେ ଆସନ୍ତା ସୋମବାର ସକାଳ ୮ଟାରେ ଗଣନା କାର୍ଯ୍ୟ ଆରମ୍ଭ ହେବ । ରିଟର୍ଣ୍ଣିଂ ଅଧିକାରୀ, ସହଅଧିକାରୀ, ସୁପର୍ ଭାଇଜରଙ୍କ ସମେତ ମୋଟ୍ ୧୫ ହଜାର ୪୬୫ ଜଣ  କର୍ମଚାରୀଙ୍କୁ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି । ମତଗଣନା କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

---

# ଗଭ୍- ଆଲର୍ଟ ସିଷ୍ଟମ୍

ବିପର୍ଯ୍ୟୟ ସତର୍କତା ନେଇ ଦେଶବାସୀଙ୍କୁ ତ୍ୱରିତ ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଯୁକ୍ତିବିଦ୍ୟା ଆଧାରରେ ସେଲ୍ ପ୍ରସାରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ପଦକ୍ଷେପ ଆଧୀନରେ ପରୀକ୍ଷାମୂଳକ ଭାବେ ଆଜି ମଧ୍ୟାହ୍ନ ସମୟରେ ନାଗରିକଙ୍କ ମୋବାଇଲ୍‌କୁ ସାଇରନ୍ ସତର୍କତା ସହିତ ସୂଚନା ପ୍ରଦାନ କରାଯାଇଛି । ପରୀକ୍ଷଣ ବ୍ୟବସ୍ଥାରେ ପ୍ରଦର୍ଶିତ ବାର୍ତ୍ତାରେ କୁହାଯାଇଛି –ସତର୍କ ରୁହନ୍ତୁ, ସୁରକ୍ଷିତ ଦେଶ ଏବଂ ବାର୍ତ୍ତା ପାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ନାହିଁ । ଏହା ଏକ ପରୀକ୍ଷାମୂଳକ ବାର୍ତ୍ତା ବୋଲି ସେଥିରେ ଉଲ୍ଲେଖ ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଏହି ବାର୍ତ୍ତା ପାଉଥିବା ନାଗରିକ ଭୟଭୀତ ହେବାର କୌଣସି କାରଣ ନାହିଁ । ପ୍ରଯୁକ୍ତିବିଦ୍ୟା ଆଧାରିତ ମୋବାଇଲ୍ ମାଧ୍ୟମରେ ପରୀକ୍ଷାମୂଳକ ଭାବେ ବିପର୍ଯ୍ୟୟ ସତର୍କତା ନେଇ ଏଭଳି ବାର୍ତ୍ତା ପ୍ରଦାନ କରାଯାଉଛି । ଦୂରସଂଚାର ବିଭାଗ ଦ୍ୱାରା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ବ୍ୟବସ୍ଥାର ବିକାଶ କରାଯାଇଛି ।

ଶ୍ରୀ ସିନ୍ଧିଆ କହିଛନ୍ତି, ଭବିଷ୍ୟତରେ ଏହିଭଳି ଉପାୟରେ ନାଗରିକଙ୍କୁ ବିପର୍ଯ୍ୟୟ କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଭାଷାରେ ସୂଚନା ପ୍ରଦାନ କରାଯାଇପାରିବ । ଦୂରସଂଚାର ବିଭାଗ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ କହିଛି, ଏକ ଉନ୍ନତ ସାର୍ବଜନୀନ

ସତର୍କତା ଢାଞ୍ଚା ପ୍ରସ୍ତୁତ କରିବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

---

## ବିର୍ଲା-ପାର୍ଲାମେଣ୍ଟାରୀ କମିଟି

ଲୋକସଭା ବାଚସ୍ପତି ଓମ୍ ବିର୍ଲା ୨୦୨୬-୨୭ ବର୍ଷ ପାଇଁ ୪ଟି ସଂସଦୀୟ କମିଟିର ପୁନର୍ଗଠନ କରିଛନ୍ତି । ଲୋକସଭାର ୩୦ ଜଣ ସଦସ୍ୟ ବିଶିଷ୍ଟ ସରକାରୀ ବ୍ୟୟ ଅଟକଳ କମିଟିର ଅଧ୍ୟକ୍ଷ ଭାବେ ସାଂସଦ ଡକ୍ଟର ସଂଜୟ ଜୟସ୍ୱାଲଙ୍କୁ ମନୋନିତ କରାଯାଇଛି । ୧୫ ଜଣ ଲୋକସଭା ସଦସ୍ୟ ଓ ୭ ଜଣ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କମିଟିର ଚେୟାରମ୍ୟାନ୍ ଭାବେ ବିଜେପି ସାଂସଦ ବୈଜୟନ୍ତ ପଣ୍ଡା ମନୋନୀତ ହୋଇଛନ୍ତି । କଂଗ୍ରେସ ସାଂସଦ କେ.ସି. ଭେନୁଗୋପାଳଙ୍କୁ ସରକାରୀ ଖର୍ଚ୍ଚ କମିଟିର ଅଧ୍ୟକ୍ଷ ମନୋନୟନ କରାଯାଇଛି । ଏହି କମିଟିରେ ଲୋକସଭାରୁ ୧୫ ଜଣ ଓ ରାଜ୍ୟସଭାରୁ ୭ ଜଣ ସାଂସଦ ଅଛନ୍ତି । ଅନୁସୂଚିତ ଜାତି ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଭାବେ ବିଜେପି ସାଂସଦ ଫଗନ ସିଂ କୁଲସ୍ତେଙ୍କୁ ମନୋନୀତ କରାଯାଇଛି । ଏହି କମିଟିରେ ଲୋକସଭାରୁ ୨୦ ଜଣ ଓ ରାଜ୍ୟସଭାରୁ ୧୦ ଜଣ ସାଂସଦ ଅଛନ୍ତି । କମିଟିର କାର୍ଯ୍ୟକାଳ ଚଳିତ ମାସ ୧ ତାରିଖରୁ ଆସନ୍ତା ବର୍ଷ ଏପ୍ରିଲ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ରହିଛି ।

---

## ୱେଷ୍ଟ ଏସିଆ ସିଚୁଏସନ୍

ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ଜାରି ରହିଛି। ଆମେରିକା ଏବଂ ଇରାନ ମଧ୍ୟରେ କୂଟନୈତିକ ସଂପର୍କ ଆଗକୁ ବଢ଼ି ନପାରିବା ଫଳରେ ସେହି ଅଞ୍ଚଳରେ ଅନିଶ୍ଚିତତା ଦେଖାଦେଇଛି ।

ଲେବାନନ୍ ପକ୍ଷରୁ କୁହାଯାଇଛି, ଇସ୍ରାଏଲ୍ ସେନା ନାବାଟିଏ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆକ୍ରମଣ କରିଛି । ଡ୍ରୋନ୍ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଉପଯୋଗ କରି ଆକାଶମାର୍ଗରୁ ଏହି ଆକ୍ରମଣ କରାଯାଇଛି । ଫଳରେ ବହୁ ସାଧାରଣ ଲୋକ ମୃତାହତ ହୋଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଇସ୍ରାଏଲ୍ କହିଛି, ହେଜବୁଲ୍ଲା ଆତଙ୍କବାଦୀ ଗୋଷ୍ଠୀକୁ ନିପାତ କରିବା ଲକ୍ଷ୍ୟ ନେଇ ଏହି ଆକ୍ରମଣ କରାଯାଉଛି । ହେଜବୁଲ୍ଲା ପକ୍ଷରୁ ମଧ୍ୟ ପ୍ରତିଆକ୍ରମଣରେ ଇସ୍ରାଏଲ୍ ଉପରେ ରକେଟ୍ ଏବଂ ଡ୍ରୋନ୍ ମାଡ଼ କରାଯାଉଛି ।

## ଇରାନ-ୟୁଏସ୍

ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଜାହାଜ ଯାତାୟାତ ଲକ୍ଷ୍ୟରେ ଇରାନକୁ ଦେୟ ପ୍ରଦାନ କରୁଥିବା ବିଶ୍ୱସ୍ତରୀୟ ଜାହାଜ କମ୍ପାନୀଗୁଡ଼ିକୁ ଆମେରିକା ସତର୍କ ସୂଚନା ଜାରି କରିଛି । ଏଭଳି କ୍ଷେତ୍ରରେ ସେମାନେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି ବୋଲି ଆମେରିକାର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ କହିଛି । ହର୍ମୁଜ୍ ପ୍ରଣାଳୀ ଉପରେ ନିୟନ୍ତ୍ରଣକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି । ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଆରମ୍ଭରେ ଆମେରିକା ଓ ଇସ୍ରାଏଲ୍ ସହିତ ଇରାନର ସଂଘର୍ଷ ପରିପ୍ରେକ୍ଷୀରେ ଏହି ସମୁଦ୍ର ପଥ ଦେଇ ନିୟମିତ ଯାତାୟାତ ବାଧାପ୍ରାପ୍ତ ହୋଇଆସୁଛି । ତେବେ ବିକଳ୍ପ ରାସ୍ତା ଦେଇ କିଛି ଜାହାଜ ପାଇଁ ଇରାନ ସୀମିତ ପଥ ଅନୁମତି ପ୍ରଦାନ କରିଥିବା ବେଳେ କେତେକ ସମୟରେ ସେବା ପାଇଁ ଶୁଳ୍କ ମଧ୍ୟ ଆଦାୟ କରୁଥିଲା । ଏହାକୁ

ବିରୋଧ କରି ଆମେରିକା ନୌସେନା ସେଠାରେ ଇରାନ ତୈଳ ଟ୍ୟାଙ୍କଗୁଡ଼ିକର ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇଛି ।

---

## ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ଦେଶର  କେତେକ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା ନେଇ ଆକଳନ କରିଛି । ଆସନ୍ତା ୨ ଦିନ ମଧ୍ୟରେ ଆସାମ, ମେଘାଳୟ, ସିକିମ୍, ଅରୁଣାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ, କେରଳ, ମାହେ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲ୍‌ରେ ବର୍ଷା ହୋଇପାରେ । ଓଡ଼ିଶା, ବିହାର ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଉପକୂଳ, ପୂର୍ବ ରାଜସ୍ଥାନ, ଜାମ୍ମୁ କାଶ୍ମୀର, ଲଦାଖ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଉତ୍ତର ପୂର୍ବାଞ୍ଚଳର କେତେକ ସ୍ଥାନରେ ଧୂଳିଝଡ ଓ ବିଜୁଳି ଘଡ଼ଘଡ଼ି ସହିତ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

---

## ଇଣ୍ଡିଆ-ନେପାଳ ମିଟିଂ

ମୌସୁମୀ ଆଗମନ ପୂର୍ବରୁ ଭାରତ ଓ ନେପାଳ ମଧ୍ୟରେ ଆଜି କାଠମାଣ୍ଡୁଠାରେ ବନ୍ୟା ପୂର୍ବାନୁମାନ ମଡେଲ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହେବ । ବିହାର ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ସନ୍ତୋଷ କୁମାର ମଲ୍ଲଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଏହି ଆଲୋଚନାରେ ଅଂଶ ଗ୍ରହଣ କରିବେ । ଭାରତ-ନେପାଳର କୋଶୀ ଏବଂ ଗଣ୍ଡକ ନଦୀ ପ୍ରକଳ୍ପ କମିଟି ଦ୍ୱାରା ଗତମାସ ୩୦ ତାରିଖ ଓ ଚଳିତମାସ ୧ ତାରିଖରେ କରାଯାଇଥିବା ଦୁଇଦିନିଆ ଏକାଦଶ ମିଳିତ ବୈଠକରେ ଜଳ

ପରିଚାଳନା ଓ ଭିତ୍ତିଭୂମି ପ୍ରସଙ୍ଗରେ କେତେଗୁଡ଼ିଏ ବୁଝାମଣା ହୋଇଛି । ବୈଠକ ପରେ ଆଜି ପୁଣି କାଠମାଣ୍ଡୁରେ ବନ୍ୟା ପୂର୍ବାନୁମାନ ମଡେଲ ଉପରେ ଆଲୋଚନା ହେବ । ଇତିମଧ୍ୟରେ ପଶ୍ଚିମ କୋଶୀ ମୁଖ୍ୟ କେନାଲ, କୋଶୀ ବ୍ୟାରେଜ, ଗଣ୍ଡକ ବ୍ୟାରେଜରେ ୩୫ କିଲୋମିଟର ଅଞ୍ଚଳରୁ ଜବରଦଖଲ ହଟାଇବାକୁ ନେପାଳ ରାଜି ହୋଇଛି । ଏହା ବ୍ୟତୀତ କୋଶୀ ମୁଖ୍ୟ କେନାଲ୍ ବନ୍ଧରେ ଲଗାଯାଇଥିବା ବିଦ୍ୟୁତ୍ ଖୁଣ୍ଟକୁ ହଟେଇ ନେବା ପାଇଁ ସହମତି ପ୍ରକାଶ ପାଇଛି । ଆସନ୍ତା ମୌସୁମୀକୁ ଲକ୍ଷ୍ୟ ରଖି ବନ୍ୟା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉଭୟ ଦେଶ ମଧ୍ୟରେ ଏହି ବୁଝାମଣା କରାଯାଉଛି ।

## ଓ୍ୱିମେନ୍ସ ଏସିଆ କପ୍

ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାରତ ଆଜି ଏହାର ଅଭିଯାନ ଆରମ୍ଭ କରିବ । ଦୀର୍ଘ ୨୧ ବର୍ଷ ପରେ ଏହି ପ୍ରତିଯୋଗିତା ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଛି । ଚୀନ୍‌ଠାରେ ଖେଳାଯାଉଥିବା ଏହି ପ୍ରତିଯୋଗିତାରେ ଆଜି ଭାରତ’ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳିବ । ଭାରତୀୟ ସମୟ ଅପରାହ୍ନ ୫ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ କ୍ରିକେଟରେ ଆଜି ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ସନ୍ଧ୍ୟା ୦୭.୩୦ରେ ମ୍ୟାଚ୍ ଖେଳାଯିବ ।

ଗତକାଲି ଦିଲ୍ଲୀ କ୍ୟାପିଟାଲ୍ସ ଜୟପୁରର ସଓ୍ୱାଇ ମାନସିଂହ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସକୁ ୭ ଓ୍ୱିକେଟରେ ପରାସ୍ତ କରିଥିଲା। ଏହି ବିଜୟ ସହିତ ଦିଲ୍ଲୀ କ୍ୟାପିଟାଲ୍‌ସ ସିଜିନର ଚତୁର୍ଥ ବିଜୟ ହାସଲ କରିଛି ଏବଂ ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ରହିଛି । ରାଜସ୍ଥାନ ରୟାଲ୍‌ସ ୧୦ଟି ମ୍ୟାଚ୍‌ରୁ ୬ଟିରେ ବିଜୟ ସହିତ ଚତୁର୍ଥ ସ୍ଥାନରେ ରହିଛି।

.................................................................................